ଧରିତ୍ରୀ
DHARITRI
ମଙ୍ଗଳବାର, ୩୦ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ସ୍କାଉଟ୍ସ, ଗାଇଡ୍ସର ସେବାକାର୍ଯ୍ୟ



ବ୍ରହ୍ମପୁର ଅଫିସ୍,୨୯।୪: ମା' ବୁଢ଼ୀ ଠାକୁରାଣୀ ଯାତ୍ରାର ଶେଷ ଦିବସରେ ଗଞ୍ଜାମ ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସମାନଙ୍କ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କ ପରାମର୍ଶକ୍ରମେ ଓ ସମ୍ପାଦକ ଭାଗିରଥୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ମହାନଗର ନିଗମ ଅଧୀନ ସମସ୍ତ ବିଦ୍ୟାଳୟର ସ୍କାଉଟ୍ ଏବଂ ଗାଇଡ୍ସମାନେ ମା'ଙ୍କ ଅସ୍ଥାୟୀ ପୀଠରେ ସେବା ପ୍ରଦାନ କରିଥିଲେ । ପଣା ସଂକ୍ରାନ୍ତିଠାରୁ ଯାତ୍ରା ଶେଷ ଦିବସ ଯାଏ ଦିନବେଳା ଜଳଛତ୍ର ଓ ଦହି ସରବତ ବଣ୍ଟନ ଏବଂ ସନ୍ଧ୍ୟାରେ ଦର୍ଶନାର୍ଥୀଙ୍କୁ ଧାଡ଼ିରେ ଠିଆ କରାଇବା, ପରିବେଶ ସଫା ରଖିବା, ଥଣ୍ଡା ଜଳ ସ୍ପ୍ରେ କରିବା ଆଦି କାର୍ଯ୍ୟ କରିଥିଲେ । ସୋମବାର ବୁଢ଼ୀ ଠାକୁରାଣୀ ମନ୍ଦିର ସାହିରେ ମେଗା ଜଳଛତ୍ର, ଦହିପଣା ବଣ୍ଟନ, ନବାତ ପଣା ବଣ୍ଟନ କରାଯାଇଥିଲା । ଶିବାନନ୍ଦନଗର ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୦ ଜଣ ସ୍କାଉଟ୍ସ ଓ ୨୦ ଜଣ ଗାଇଡ୍ସ ଭାଗ ନେଇଥିଲେ । ବିଦ୍ୟାଳୟ ମୁଖ୍ୟ ଗୌରୀଶଙ୍କର ପାତ୍ର ଏବଂ ସଂପାଦକ ଯଜ୍ଞଦତ୍ତ ପାଠୀ ଜଳଛତ୍ର ଉଦ୍ଘାଟନ କରିଥିଲେ । ଜିଲା କମିଶନର୍ ରାମଚନ୍ଦ୍ର ବିଷୋୟୀ, ଜିଲା ସଂଗଠନ କମିଶନର୍ ରାମହରି ସାହୁ, ପ୍ରଧାନ ଶିକ୍ଷକ ପ୍ରମିଳା ପଟ୍ଟନାୟକ, ଗାଇଡ୍ କ୍ୟାପଟେନ୍ ରୁବି ସାହୁଙ୍କ ସହ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ନୀଳକଣ୍ଠନଗର, କଳିଙ୍ଗ ବିଦ୍ୟା ମନ୍ଦିର, କେସି ପବ୍ଲିକ ସ୍କୁଲ, ଡିଏଭି ପବ୍ଲିକ ସ୍କୁଲ, ଗିରିରୋଡ୍ ଭିଭି ଗିରି ବାଳିକା ବିଦ୍ୟାଳୟ, ଏମ୍ଏଭି ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ରାମହରି ନଗରର ସ୍କାଉଟ୍ ମାଷ୍ଟର୍ ଏବଂ ଗାଇଡ୍ କ୍ୟାପଟେନ୍‌ମାନେ ମଧ ସାମିଲ ଥିଲେ ।

### ସରୁନି ରାସ୍ତା କାର୍ଯ୍ୟ

ପାରଳାଖେମୁଣ୍ଡି, ୨୯।୪ (ସ୍ୱ.ପ୍ର.) : ଗଜପତି ଜିଲା ଗୋଷାଣୀ ବ୍ଲକ କତଲକଇଠାଠାରୁ ସିଧିପାଲମ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏବେ ଅବଧି ସରିବା ପରେ ମଧ ରାସ୍ତା କାର୍ଯ୍ୟ ଶେଷ ହୋଇନାହିଁ। ଫଳରେ ଲୋକେ ଏହି ରାସ୍ତାରୁ ଉପକୃତ ହୋଇପାରୁନାହାନ୍ତି। କତଲକଇଠା-ସିଧିପାଲମ ମୋଟ ୨.୬୦ କି.ମି. ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ମୋଟ ୧୭୩.୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ କାର୍ଯ୍ୟାରମ୍ଭ ହୋଇଥିଲା । କାର୍ଯ୍ୟ ଆରମ୍ଭର ଅବଧି ୪।୩।୨୦୧୬ ଥିଲା। ଏହି କାର୍ଯ୍ୟ ୩।୨।୨୦୧୭ ରେ ସରିବାକୁ ସ୍ଥିର ହୋଇଥିଲା। ତେବେ କାର୍ଯ୍ୟ ଶେଷ ହେବାର ସମୟ ଶେଷ ହୋଇ ୨ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ଏଠାରେ ଏହି ରାସ୍ତା କାର୍ଯ୍ୟ ଶେଷ ହୋଇପାରିନାହିଁ । ଏନେଇ ଅଞ୍ଚଳବାସୀ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ।

## ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପିତ, ପୁଣି ୨୦୨୧କୁ ଅପେକ୍ଷା

# ମନ୍ଦିରକୁ ବାହୁଡିଲେ ମା'



ବ୍ରହ୍ମପୁର ଅଫିସ,୨୯।୪

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ସୋମବାର ରାତିରେ ଉଦଯାପିତ ହୋଇଛି। ବିଳମ୍ବିତ ରାତିରେ ନିର୍ଦ୍ଧାରିତ ଶୁଭବେଳାରେ ମା'ଙ୍କ ବାହୁଡ଼ା ପର୍ବ ଆରମ୍ଭ ହୋଇ ମଙ୍ଗଳବାର ଭୋରରେ ସରିଛି। ମାର୍ଚ୍ଚ ୨୯ରୁ ଆରମ୍ଭ ହୋଇଥିଲା ଏହି ଯାତ୍ରା। ମାସେ କାଳ ମା' ବାପ ଘରେ ରହି ବିଭିନ୍ନ ସାହି ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେବା ପରେ ସୋମବାର ରାତିରେ ନିଜସ୍ୱ ମନ୍ଦିର ଅଭିମୁଖେ ଯାଇଛନ୍ତି। ଅନ୍ତିମ ଦିବସରେ ମା'ଙ୍କୁ ବାପ ଘରେ ତଥା ବଡବଜାର ଦେଶୀବେହେରା ସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ଦର୍ଶନ ପାଇଁ ସୋମବାର ସକାଳୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦିନତମାମ ଖରାକୁ ଖାତିର ନ କରି ଲକ୍ଷାଧିକ ମାନସିକଧାରୀ ଓ ଶ୍ରଦ୍ଧାଳୁ ଘଣ୍ଟା ଘଣ୍ଟା ଧରି ଧାଡିରେ ରହି ମା'ଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଏକ ବରକୋଳି ଡାଳରେ ଟଙ୍ଗା ଯାଇଥିବା ଶାଢ଼ୀ, ଚୁଡ଼ି, ସିନ୍ଦୁର, ଉଖୁଡା, ମୁଆଁ, ଦାନ୍ତକିଲି, ସେକଡାଲୁ, ପାମ୍ପଡ, ବଡ଼ି, ଜିଅନ୍ତା କୁକୁଡା ଭାର ମୋଚିସାହିରୁ ଆସି ପହଞ୍ଚିଥିଲା। ଏହି ଭାରକୁ ମା'ଙ୍କ ସହ ବାହୁଡାଣୀ ଶୋଭାଯାତ୍ରାରେ ମନ୍ଦିରକୁ ନିଆଯାଇଥିଲା। ରାତିରେ ବୁଢ଼ୀ ଠାକୁରାଣୀ ମନ୍ଦିରର ପୂଜକମାନେ ମା'ଙ୍କୁ ମନ୍ଦିର ବାହୁଡିବା ପାଇଁ ଆମନ୍ତ୍ରଣ କରିଥିଲେ। ଏହାପରେ ସିଦ୍ଧାନ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ଶୁଭବେଳାରେ ବାହୁଡାଣୀ ଯାତ୍ରା ଆରମ୍ଭ ହୋଇଥିଲା। ସକାଳେ ପି. ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ଘରେ ପୂଜା କରାଯାଇଥିବା ସହସ୍ର ଆଖି ଘଟ ମା'ଙ୍କ ବାହୁଡ଼ାଣୀ ଶୋଭାଯାତ୍ରାର ଆଗରେ ବାହରିଥିଲା। ଏହାକୁ ଏନ. ଲକ୍ଷ୍ମୀକାନ୍ତଙ୍କ ସ୍ତ୍ରୀ ଏନ. ଭବାନୀ ମୁଣ୍ଡାଇଥିଲେ। ତାନ୍ତ୍ରୀକମାନେ ରାସ୍ତାରୁ ଠାକୁରାଣୀଙ୍କୁ ଉଠାଇନେବା ଓ ଗୁଣିଗାରେଡି ପ୍ରତି ନଜର ରଖିବା ଉଦ୍ଦେଶ୍ୟରେ ଆଗେ ଆଗେ ଏହି ସହସ୍ର ଆଖି ଘଟ ଯିବା ପରମ୍ପରା ରହିଆସିଛି। ବାପ ଘର ଆଗମନ ଭଳି ବାହୁଡାଣିରେ ମଧ ମା' ବୁଢ଼ୀ ଠାକୁରାଣୀଙ୍କ ବାପା ପି. ଦୁର୍ଗା ପ୍ରସାଦ ଦେଶୀବେହେରା, ମା' ଦେବକୀ ଏବଂ ସହସ୍ର ଅଖି ଘଟ ମୁଣ୍ଡାଇଥିବା ଦମ୍ପତି ସୋମବାର ଦିନସାରା ଉପବାସ ରହିଥିଲେ। ମଧରାତ୍ରରେ ସହସ୍ର ଆଖି ଘଟ ପଛେ ପଛେ ମା'ଙ୍କ ମୁଖ୍ୟ ଘଟ ଅସ୍ଥାୟୀ ପୀଠରୁ ବାହାରି ରାଜବାଟିକୁ ଯାଇଥିଲା। ମା' ଦେବକୀ ମୁଖ୍ୟ ଘଟକୁ ମୁଣ୍ଡାଇଥିବା ବେଳେ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱ ଘଟକୁ ମୁଣ୍ଡାଇଥିଲେ। ଘଣ୍ଟ, ମହୁରୀ, ବାଦ୍ୟ, ବାଜଣା ସହ ମହିଳାଙ୍କ ହୁଳହୁଳି ଓ ସହସ୍ରାଧିକ ଭକ୍ତଙ୍କ ମଧରେ ଅସ୍ଥାୟୀ ପୀଠରୁ ଶୋଭାଯାତ୍ରା ବାହାରିଥିଲା। ରାଜବାଟିରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଜନସମୁଦ୍ର ମଧରେ ମା'ଙ୍କ ଘଟ ଶୋଭାଯାତ୍ରା ବିଭିନ୍ନ ସାହି ପରିକ୍ରମା କରିଥିଲା। ରାଜବାଟିରୁ ବଡବଜାର ଦେଇ ଘଟ ସଆନ୍ତରାଣୀ ସାହି, ମାର୍ଥାପେଟା ସାହି, କେଉଟ ସାହି, ଶଙ୍କରପୁର ସାହି, ଜେନା ସାହି, ବାଠୁଆରୀ ସାହି, କେଦାରୀପେଟା ସାହି, ଚନ୍ଦ୍ରମା ସାହି, ଖାସ୍ୱା ସାହି ପରିକ୍ରମା କରିଥିଲା। ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ମୁଖ୍ୟ ଘଟଧାରୀଙ୍କ ପାଦରେ ହଳଦୀ କର୍ପୁର ମିଶା ପାଣି ଢାଳି ପୂଜାର୍ଚ୍ଚନା କରିଥିବା ବେଳେ ରାସ୍ତାରେ ମାନସିକଧାରୀ ମହିଳାମାନେ ପୂର୍ବରୁ ପୂଜା କରି ରଖିଥିବା ପାର୍ଶ୍ୱ ଘଟକୁ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଖାପସା ସାହି ପରିକ୍ରମା ବେଳେ ତୃତୀୟ ଥର ପାଇଁ ଜଉରା ସାହି ସ୍ଥିତ ମାଉସୀ ମା' ଘରେ ବୁଢ଼ୀ ଠାକୁରାଣୀ ବିଜେ କରିଥିଲେ। ସେଠାରେ ପୋଡପିଠା ଭୋଗ ଲାଗି ପରେ ପୁଡିପେଦୀଭାରୀ ସାହି, ଖୋର୍ଦ୍ଧା ସାହି ଦେଇ ମା' ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ନୀତି ନିୟମ ପ୍ରକାରେ ପୂଜାର୍ଚ୍ଚନା ହୋମ ଯଜ୍ଞ ପରେ ଯାତ୍ରାର ପ୍ରଥମ ଦିନ ଠାକୁରାଣୀଙ୍କ ମସ୍ତକରୁ ଖସିଥିବା ଇଟମଳା ଫୁଲମାଳ ସତେଜ ଅବସ୍ଥାରେ ଘଟରୁ ବାହାର କରାଯାଇ ପୁଣି ମା'ଙ୍କ ମସ୍ତକରେ ସ୍ଥାପନ କରାଯାଇଥିଲା। ଏହାହିଁ ଠାକୁରାଣୀଙ୍କ ମହିମା। ଏହି ପର୍ବ ସରିବା ପରେ ମୁଖ୍ୟ ଘଟ ସହ ୫୦ ହଜାରରୁ ଊର୍ଦ୍ଧ୍ୱ ମାନସିକଧାରୀ ଘଟ ମନ୍ଦିର ପରିସରରେ ବିସର୍ଜନ କରାଯାଇଥିଲା।



ଅନ୍ତିମ ଦିନରେ ଅସ୍ଥାୟୀ ପୀଠରେ ଭିଡ ।

## ୧୫ ପ୍ଲାଟୁନ ପୋଲିସ ମୁତୟନ

# ଘଟଧାରିଣୀଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା

ବ୍ରହ୍ମପୁର ଅଫିସ,୨୯।୪

ମା' ବୁଢ଼ୀ ଠାକୁରାଣୀ ଯାତ୍ରାର ଉଦଯାପନୀ ନିମନ୍ତେ ୧୫ ପ୍ଲାଟୁନ ପୋଲିସ ମୁତୟନ ହୋଇଛନ୍ତି। ଘଟଧାରିଣୀ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ବୋଲି ବ୍ରହ୍ମପୁର ଏସପି ପିନାକ ମିଶ୍ର ସୂଚନା ଦେଇଥିଲେ। ସୋମବାର ମଧରାତ୍ରରୁ ବିଧି ଅନୁସାରେ ମା'ଙ୍କ ବାହୁଡ଼ା ପର୍ବ ଆରମ୍ଭ ହୋଇ ମଙ୍ଗଳବାର ଭୋରରେ ସମାପ୍ତ ହେବ । ମା'ଙ୍କ ମେଲାଣି ସମୟରେ ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଶେଷକରି ମହିଳା ଭକ୍ତ ଓ ମାନସିକ ଘଟଧାରିଣୀଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ଥାନାରୁ ମହିଳା ଅଧିକାରୀ ଓ ମହିଳା ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଥିବା ଏସ୍‌ପି କହିଛନ୍ତି। ଯାତ୍ରା ସୁରୁଖୁରୁରେ ସମାପ୍ତ କରିବା ପାଇଁ ପୋଲିସ ୧୫ ପ୍ଲାଟୁନ ପୋଲିସ ଫୋର୍ସ, ୩୦୦ ଗୃହରକ୍ଷୀ ମୁତୟନ ହେବା ସହ ସୁରକ୍ଷା ଦାୟିତ୍ୱ ତଦାରଖ ପାଇଁ ୨ ଜଣ ଅତିରିକ୍ତ ଏସପି, ୩ ଏସଡିପିଓ ଏବଂ ବିଭିନ୍ନ ଥାନାର ଇନ୍ସପେକ୍ଟରମାନେ ରହିଥିବା ଏସପି ସୂଚନା ଦେଇଥିଲେ।

# ବୃଦ୍ଧ ମାତାପିତାଙ୍କୁ ସମ୍ମାନ ଦେବାକୁ ସଚେତନତା




ବରିଷ୍ଠ ନାଗରିକ ମଞ୍ଚର ସଚେତନତା ଶୋଭାଯାତ୍ରା ।

ବ୍ରହ୍ମପୁର ଅଫିସ,୨୯।୪

ସମ୍ପ୍ରତି ସମାଜରେ ବୃଦ୍ଧ ମାତାପିତାଙ୍କୁ ସନ୍ତାନମାନେ ଅବହେଳା କରୁଥିବା ଘଟଣା ବୃଦ୍ଧି ପାଉଛି। ଏପରିକି କେତେକ କ୍ଷେତ୍ରରେ ସନ୍ତାନମାନେ ଅଭିଭାବକଙ୍କୁ ଅସମ୍ମାନ କରୁଥିବା ମଧ ଦେଖାଯାଉଛି। ଫଳରେ ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ସର୍ବସ୍ୱ ହରାଇଥିବା ପିତାମାତା ବୃଦ୍ଧାବସ୍ଥାରେ ବେସାହାରା ହେଉଛନ୍ତି। ନିଜ ଶେଷ ଜୀବନ ବୃଦ୍ଧାଶ୍ରମରେ ବିତାଇବାକୁ ବାଧ ହେଉଛନ୍ତି। ମାତାପିତାଙ୍କୁ ଏଭଳି ଯନ୍ତ୍ରଣା ନ ଦେବା ନିମନ୍ତେ ସଚେତନ କରାଇଛନ୍ତି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ। ସୋମବାର ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରାର ଅନ୍ତିମ ଦିନରେ ଶୋଭାଯାତ୍ରା ମାଧମରେ ମଞ୍ଚ ପକ୍ଷରୁ ଏଭଳି ବାର୍ତ୍ତା ଦିଆଯାଇଛି। ମଞ୍ଚର ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ ଶ୍ରବଣ କୁମାର ବେଶ ଧାରଣ କରିଥିବା ବେଳେ ଅନ୍ୟ କର୍ମକର୍ତ୍ତାମାନେ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାଲାଜୀ ପେଣ୍ଠ ସାହିର ମହାଦେବ ରଥ ନିକଟରୁ ମଞ୍ଚର ସଦସ୍ୟ ତଥା ବରିଷ୍ଠ ନାଗରିକମାନେ ଶୋଭାଯାତ୍ରାରେ ବାହାରି ମା' ବୁଢ଼ୀ ଠାକୁରାଣୀଙ୍କ ଅସ୍ଥାୟୀ ପୀଠ ନିକଟରେ ପହଞ୍ଚି ଥିଲେ। ପରେ ଯାତ୍ରା ଅନୁଷ୍ଠିତ ହେଉଥିବା ବିଭିନ୍ନ ସାହି ବୁଲି ମାତାପିତାଙ୍କ ସେବା କରିବା ସହ ସମ୍ମାନ ଦେବାକୁ ପଥପ୍ରାନ୍ତ ସଭା ଓ ପ୍ରଚାରପତ୍ର ମାଧମରେ ସଚେତନ କରାଇଥିଲେ। ସଭାପତି ତ୍ରିନାଥ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁ. କାଶୀନାଥ ପାତ୍ର, ଦଣ୍ଡପାଣି ସାହୁ, ଅଭିମନ୍ୟୁ ଧର, କିଶୋର ଚନ୍ଦ୍ର ବ୍ରହ୍ମା, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉପସଭାପତି ପ୍ରଭାତ କୁମାର ମିଶ୍ର ଓ ମଞ୍ଚର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନିର୍ବାଚନୀ ହିଂସା ନେଇ ହୋଇନି କାର୍ଯ୍ୟାନୁଷ୍ଠାନ

# ବିଜେଡି ବିରୋଧରେ ଏସ୍‌ପିଙ୍କୁ ଫେରାଦ ହେଲା ଭାଜପା

ବ୍ରହ୍ମପୁର ଅଫିସ,୨୯।୪

ପ୍ରଥମ ପର୍ଯ୍ୟାୟ ଅର୍ଥାତ ଗତ ୧୧ ତାରିଖରେ ଚିକିଟି ବିଧାନସଭା ଆସନ ଲାଗି ହୋଇଥିବା ମତଦାନ ପରେ ବିଜେଡି ନେତା ଓ କର୍ମୀମାନେ ଭାଜପା ନେତା, କର୍ମୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି। ଏପରିକି ଭାଜପାକୁ ସମର୍ଥନ କରୁଥିବା ଲୋକଙ୍କୁ ଗାଁରୁ ବାସନ୍ଦ କରିଥିବା ନେଇ ଜରଡ଼ା, କେ.ନୂଆଗାଁ ଓ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏସବୁ ଥାନାରେ ୧୪ଟି ଅଭିଯୋଗ ହୋଇଥିବା ବେଳେ ପୋଲିସ କେବଳ ୭ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କ ବିରୋଧରେ ଏ ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି ବୋଲି ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧି ଦଳ ଏ ନେଇ ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ରଙ୍କ ନିକଟରେ ଫେରାଦ ହୋଇଛି। ଉପରୋକ୍ତ ୩ ଥାନାରେ ଦିଆଯାଇଥିବା ୧୪ ଏତଲା ସମ୍ପର୍କରେ ଏସପିଙ୍କ ସହ ଆଲୋଚନା ହୋଇଥିବା ସୋମବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

ଭୃଗୁ ଆହୁରି କହିଛନ୍ତି, ଯେଉଁମାନେ ଭାଜପାକୁ ସମର୍ଥନ କରିଥିଲେ ଏବଂ ନିର୍ବାଚନ ପ୍ରଚାର ବେଳେ ଆମ ସହ ଯୋଡ଼ି ହୋଇଥିଲେ ସେମାନଙ୍କୁ ଗାଁରୁ ବାସନ୍ଦ କରାଯାଇଛି। ଚିକିଟିରେ ବିଜେଡି କର୍ମୀ ଓ ନେତାଙ୍କ ଗୁଣ୍ଡାରାଜ୍ ସମସ୍ତ ସୀମା ଲଂଘିଛି। ଉକ୍ତ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ଭୁବନେଶ୍ୱର ଓ ପରେ କେନ୍ଦ୍ରାପଡ଼ା ନିର୍ବାଚନ ପ୍ରଚାରରେ ଯୋଗ ଦେଇଥିବା ବେଳେ ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ ହୋଇଛି। ଯେଉଁ ଅଞ୍ଚଳର ମହିଳାମାନେ ଭାଜପା ପାଇଁ ପ୍ରଚାର କରୁଛନ୍ତି, ସେମାନଙ୍କ ଘରକୁ ବିଜେଡିର ଗୁଣ୍ଡାମାନେ ଯାଇ ଅତ୍ୟାଚାର କରୁଛନ୍ତି। ଥାନାରେ ଏଭଳି ସଂଗୀନ ଅଭିଯୋଗ ପରେ ବି ଆକ୍ରମଣର ଶିକାର ହୋଇଥିବା ଲୋକଙ୍କୁ ପୋଲିସ ପକ୍ଷରୁ ସହଯୋଗ ମିଳିଲା ନାହିଁ। ତେଣୁ ସୋମବାର ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସପିଙ୍କ ନିକଟରେ ଫେରାଦ ହୋଇଛି। ସମସ୍ତ ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଭୃଗୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏସପି କହିଛନ୍ତି, ନିର୍ବାଚନ ବେଳେ ହୋଇଥିବା ହିଂସା ନେଇ ଭାଜପା ପ୍ରତିନିଧି ଦଳ ଏକ ସ୍ମାରକପତ୍ର ଦେଇଛି। ସେମାନେ କରିଥିବା ଅଭିଯୋଗ ଗୁଡ଼ିକ ନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅନ୍ୟପଟେ ଭାଜପା ନେତା ଓ କର୍ମୀଙ୍କ ବିରୋଧରେ ବିଜେଡି ପକ୍ଷରୁ ବିଭିନ୍ନ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଭାଜପା ତରଫରୁ ଦିଆଯାଇଥିବା ପିଟିଶନଗୁଡ଼ିକର ତଦନ୍ତ କରିବା ପାଇଁ ଅତିରିକ୍ତ ଏସପି ପ୍ରଭାତ ଚନ୍ଦ୍ର ରାଉତରାୟଙ୍କୁ ଦାୟିତ୍ୱ ଦିଆଯାଇଥିବା ଏସପି ସୂଚନା ଦେଇଛନ୍ତି।



ଏସପିଙ୍କ ସହ ଆଲୋଚନା କରୁଛନ୍ତି ଭାଜପା ପ୍ରତିନିଧି ଦଳ।

## ଦୁଇ ଚାଷୀ ସଂଗଠନର ସଙ୍ଗିନ ଅଭିଯୋଗ

# ବିକ୍ରି ହୋଇନି ଗଞ୍ଜାମର ୫୦ ହଜାର ଚାଷୀଙ୍କ ଧାନ

ବ୍ରହ୍ମପୁର ଅଫିସ,୨୯।୪

- କେନ୍ଦ୍ରାପଡ଼ାରୁ କିଣିବା ପାଇଁ ୬ ମିଲରଙ୍କୁ ଦାୟିତ୍ୱ
- ଜିଲାପାଳଙ୍କ ଅଫିସ ଆଗରେ ଆନ୍ଦୋଳନ ନିଷ୍ପତ୍ତି

ପ୍ରାକୃତିକ ଦୁର୍ବିପାକରେ ଗଞ୍ଜାମ ଜିଲାର ଲକ୍ଷ ଲକ୍ଷ ଚାଷୀ ଲଗାତର ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଫସଲ ନଷ୍ଟ ଯୋଗୁ ଅନେକ କ୍ଷତିଗ୍ରସ୍ତ ଚାଷୀ ନାନା ଦୁଶ୍ଚିନ୍ତାରେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । କୃଷି ପ୍ରଧାନ ଏହି ଜିଲାର ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। ଚାଷୀଙ୍କ ସମୂହ ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରଖିଥିବା ଋଷିକୁଲ୍ୟା ରୟତ ମହାସଭା ଓ ଚାଷୀ ସୁରକ୍ଷା ଅଭିଯାନ ପକ୍ଷରୁ ଏଭଳି ସଙ୍ଗିନ ଅଭିଯୋଗ ହୋଇଛି। ଜିଲାର ପଞ୍ଜୀକୃତ ୫୦ ହଜାରରୁ ଅଧିକ ଚାଷୀଙ୍କ ଧାନ ସରକାର ତୁରନ୍ତ କ୍ରୟ କରିବାକୁ ଦାବି କରାଯାଇଛି। ନଚେତ୍ ଜିଲାପାଳଙ୍କ ଅଫିସ ଆଗରେ ଧାନବସ୍ତା ରଖି ଧାରଣା ସହ ବୃହତ ଆନ୍ଦୋଳନର ସୂତ୍ରପାତ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ସୋମବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଓ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ କହିଛନ୍ତି, ଜିଲା ପ୍ରଶାସନର ଅବହେଳା ଯୋଗୁ ମଣ୍ଡିରେ ଧାନକିଣା ବାଧାପ୍ରାପ୍ତ ହୋଇଛି। ନିର୍ବାଚନ ଆଳ ଦେଖାଇ ବିଭିନ୍ନ ସ୍ଥାନରେ ଧାନ ମଣ୍ଡି ବନ୍ଦ କରାଯାଇଛି । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ଧନୀ ଓ ପ୍ରଭାବଶାଳୀ ଚାଷୀଙ୍କ ଧାନ କିଣାଯାଇଥିବା ବେଳେ ଗରିବ ଏବଂ ଭାଗଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡ଼ି ରହିଛି । ଉଭୟେ ଆହୁରି କହିଛନ୍ତି, ଜିଲାର ଚାଷୀଙ୍କ ଧାନ ପଡ଼ି ରହିଥିବା ବେଳେ ଏବେ କେନ୍ଦ୍ରାପଡ଼ା ଜିଲାରୁ ଧାନ କିଣିବା ପାଇଁ ଗଞ୍ଜାମର ୬ ମିଲରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ କେନ୍ଦ୍ରାପଡ଼ାରୁ ୨୦ ହଜାର କୁଇଣ୍ଟାଲ ଧାନ କିଣିଥିବା ଦୁଇ ଚାଷୀ ସଂଗଠନ ନେତା ଅଭିଯୋଗ କରିଛନ୍ତି। ଏଥିପାଇଁ ଜିଲା ପ୍ରଶାସନକୁ ମଧ ଦାୟୀ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲାରୁ ଧାନ କିଣାରେ ରାଜନୈତିକ ଉଦ୍ଦେଶ୍ୟ ଥିବା କୁହାଯାଇଛି। ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହୋଇଛି । ଗଞ୍ଜାମରୁ ୨୦୧୮-୧୯ ବର୍ଷରେ ୩୯ ଲକ୍ଷ ୩୪ ହଜାର ୩୨୮ କୁଇଣ୍ଟାଲ ଧାନ କିଣିବା ଲାଗି ସରକାରୀ ଲକ୍ଷ୍ୟଧାର୍ଯ୍ୟ ଥିବା ସ୍ଥଳେ ଫେବୃୟାରୀ ସୁଦ୍ଧା ୩୨ ଲକ୍ଷ ୬୧ ହଜାର ୪୮୪ କୁଇଣ୍ଟାଲ କିଣାଯାଇଛି । ଅବଶିଷ୍ଟ ଧାନ ବିକ୍ରି ହୋଇ ନ ଥିବାରୁ ହଜାର ହଜାର ଚାଷୀ ହନ୍ତସନ୍ତ ହେଉଛନ୍ତି। ମହାସଭା ପକ୍ଷରୁ ସମବାୟ ଓ ଯୋଗାଣ ବିଭାଗ ଶାସନ ସଚିବଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ବଳକା ଧାନ କିଣିବା ପାଇଁ ଦାବି କରାଯାଇଥିବା ସତ୍ତ୍ୱେ ଫଳ ଶୂନ ହୋଇଛି । ତେଣୁ ଜିଲାପାଳଙ୍କ ଦପ୍ତର ଆଗରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ମେଳି କରି ଲଗାତର ଆନ୍ଦୋଳନ କରାଯିବ ବୋଲି ଦୁଇ ଚାଷୀ ସଂଗଠନର ନେତା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଡ଼ି. ସିମାଦ୍ରୀ ରେଡ୍ଡୀ, ସୁଦର୍ଶନ ନାୟକ ଉପସ୍ଥିତ ଥିଲେ । ଗଞ୍ଜାମରୁ ଧାନ ବିକ୍ରି ପାଇଁ ୧ ଲକ୍ଷ ୨୮ ହଜାର ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ଫେବୃୟାରୀ ସୁଦ୍ଧା ୭୪ ହଜାର ଚାଷୀଙ୍କ ଠାରୁ ଧାନ କିଣା ଯାଇଥିବାରୁ ସରକାର ଓ ଜିଲା ପ୍ରଶାସନର ପାରିବା ପଣିଆ ପଦାରେ ପଡ଼ିଥିବା କଟାକ୍ଷ କରାଯାଇଥିଲା ।

**ODISHA JOINT ENTRANCE EXAMINATION-2019**
**(OJEE - 2019)**

No: 163/OJEE19 Date: 29.04.2019

**NOTICE**

**OJEE 2019 will be conducted on**
**(i) 12.05.2019 (Pen and Paper Based Examination) and**
**(ii) 13.05.2019 (Computer Based Examination)**

Admit Cards for OJEE 2019 have been uploaded in the OJEE website **'www.ojee.nic.in'**. All the Candidates can download their admit cards from OJEE website by login to their login id. Candidates completed their application in all respects but not able to download admit card are advised to report to OJEE Cell Gandamunda **latest by 05.05.2019.**

Sd/-
Chairman, OJEE

**ସୂଚନା**

**ତା.07.05.2019 ରିଖ ରେ ବିକ୍ରେତା ସମ୍ମିଳନୀ**

ପୂର୍ବ ତଟ ରେଳପଥ ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କସ୍ ସହଯୋଗରେ ନୂଆ ବିକ୍ରେତାମାନଙ୍କୁ ବିକସିତ କରିବା ଏବଂ ବର୍ତ୍ତମାନର ବିକ୍ରେତାମାନଙ୍କ ଉତ୍ପାଦରେଞ୍ଜକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ **ତା.07.05.2019 ରିଖ ପୂର୍ବାହ୍ନ 1000 ଘଟିକାରେ ପୂର୍ବ ତଟ ରେଳପଥ ଅଡିଟୋରିୟମ୍, ରେଳ ଷ୍ଟାଡିୟମ୍ ନିକଟ, ମଞ୍ଚେଶ୍ୱର, ଭୁବନେଶ୍ୱର ଠାରେ ବିକ୍ରେତା ସମ୍ମିଳନୀ (Vendor Meet) ର ଆୟୋଜନ କରୁଛି ।** ରେଳବାଇକୁ ସାମଗ୍ରୀଗୁଡ଼ିକର ଯୋଗାଣ ନିମନ୍ତେ ଇଚ୍ଛୁକ ସମସ୍ତ ବର୍ତ୍ତମାନର ତଥା ଆଶାୟୀ ବିକ୍ରେତାମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ନିବେଦନ କରାଯାଉଛି । ଇଚ୍ଛୁକ ବିକ୍ରେତାମାନେ ନିଜର ଅଗ୍ରୀମ ପଞ୍ଜୀକରଣ ନିମନ୍ତେ **ଶ୍ରୀ ଜେ.ଏନ୍. ପଟ୍ଟନାୟକ, ବରିଷ୍ଠ ସାମଗ୍ରୀ ପ୍ରବନ୍ଧକ / II / ପୂର୍ବ ତଟ ରେଳପଥ, ମୋବାଇଲ ନଂ. 08455885763** କିମ୍ବା **ଇ-ମେଲ୍ ଆଇଡି : smm3ecor@gmail.com** କିମ୍ବା **ଶ୍ରୀ ପି.କେ. ପଟେଲ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ / II / ପୂର୍ବ ତଟ ରେଳପଥ, ମୋବାଇଲ୍ : 08455885753** କିମ୍ବା **ଇ-ମେଲ୍ ଆଇଡି : dycmm3ecor@gmail.com** ଙ୍କ ସହିତ ଯୋଗାଯୋଗ କରିପାରିବେ । ସେମାନେ **ତା.07.05.2019 ରିଖ ପୂର୍ବାହ୍ନ 0930 ଘଟିକାରେ** ଉପରୋକ୍ତ ସ୍ଥାନ ଠାରେ ମଧ ନିଜର ପଞ୍ଜୀକରଣ କରିପାରିବେ ।

**ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/II/ଭୁବନେଶ୍ୱର**

**ପୂର୍ବ ତଟ ରେଳପଥ**
PR-55/K/19-20

CLASSIFIED DISPLAY




**MORE SPACE • SAME PRICE**

**CLASSIFIED DISPLAY**

**(On Tuesday & Friday All Orissa Edition)**

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166

5% GST Applicable

## ସଂକ୍ଷେପରେ

### 'ଫନୀ' ପାଇଁ ବାଘଲଟି ଜଳଭଣ୍ଡାର ପକ୍ଷରୁ ସତର୍କ ସୂଚନା

ପାତ୍ରପୁର, ୨୯।୪(ଡି.ଏନ୍.ଏ.): ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଫନୀ ଦିଗ ବଦଳାଇ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଆଡ଼କୁ ମୁହାଁଉଛି। ଏହା ଜଣାପଡିବା ପରେ ପାତ୍ରପୁର ବ୍ଲକ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି। ଗତ ତିତ୍‌ଲି ବାତ୍ୟାରେ ପାତ୍ରପୁର ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପ୍ରଭାବରେ ନଷ୍ଟ ହୋଇଥିବା ବାସଗୃହ ଏଯାଏ ନିର୍ମାଣ ହୋଇପାରି ନାହିଁ। ପୁଣି 'ଫନୀ'କୁ ନେଇ ଅଞ୍ଚଳବାସୀ ଚିନ୍ତାରେ। ବ୍ଲକର ତୁରୁବୁଡି ପଞ୍ଚାୟତ ନୂଆଗଡଠାରେ ଥିବା ବାଘଲଟି ଜଳଭଣ୍ଡାର କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ତଳୁଆ ଅଞ୍ଚଳରେ ଥିବା ଜନସାଧାରଣଙ୍କୁ ସତର୍କ ରହିବାକୁ କୁହାଯାଇଛି। ପ୍ରବଳ ବର୍ଷା ହେଲେ ଉଦ୍‌ବୃତ ଜଳକୁ ଯେକୌଣସି ମୁହୂର୍ତ୍ତରେ ସ୍ପିଲ୍‌ୱେ ଦେଇ ନିଷ୍କାସନ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ଦାସଶର୍ମା ସୂଚନା ଦେଇଛନ୍ତି।

### ୭ମ ଦିନରେ ପଞ୍ଚ ଠାକୁରାଣୀ ଯାତ୍ରା

ବୁଗୁଡ଼ା,୨୯।୪(ଡି.ଏନ.ଏ.): ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ସୋମବାର ସପ୍ତମ ଦିନରେ ପହଞ୍ଚିଛି । ନିର୍ଦ୍ଧାରିତ ସୂଚୀ ଅନୁସାରେ ସନ୍ଧ୍ୟାରେ ପଞ୍ଚ ମହାଦେବୀ ବିଭିନ୍ନ ସାହି ପରିକ୍ରମା କରୁଥିବାରୁ ସହର ଉତ୍ସବମୁଖର ହୋଇଉଠିଛି । ଯାତ୍ରାକୁ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ସାହିରେ ବିଭିନ୍ନ ମେଢ଼ ପ୍ରସ୍ତୁତି ଚାଲିଥିବା ବେଳେ ମାନସିକଧାରୀଙ୍କ ବାଘ ବେଶ, ରାଧାକୃଷ୍ଣ ବେଶ ମଧ ବେଶ୍ ଆକର୍ଷିତ ହୋଇପାରିଛି। ରବିବାର ରାତିରେ ନୂଆସାହି ଛକ ଠାରୁ ହରିଜନ ସାହିର ଯୁବକ ତଥା ସାହିବାସିନ୍ଦାମାନେ ବାଦ୍ୟ ବାଜଣା ସହ ବାଣ ଫୁଟାଇ ବାଘ ନୃତ୍ୟ କରି ପଞ୍ଚ ମହାଦେବୀଙ୍କୁ ସାହିକୁ ଆମନ୍ତ୍ରଣ କରିଥିଲେ। ସୋମବାର ଦିନ ପୂଜା ଓ ସନ୍ଧ୍ୟା ଆରତି ପରେ ରାତି ୮ଟାରେ ପଞ୍ଚଠାକୁରାଣୀ ସାହି ପରିକ୍ରମା ପାଇଁ ଆସ୍ଥାନରୁ ବାହାରିଥିଲେ। ବିଭିନ୍ନ ବାଦ୍ୟ ବାଜଣା ମଧ୍ୟରେ ମା' ଘଟ ବଡ଼ଦାଣ୍ଡ, ମୁଖ୍ୟ ସଡ଼କ, ହରିଶରଣପୁର ଶାସନ, ବୀରଧନଞ୍ଜୟପୁର ଶାସନ ଓ କୃଷ୍ଣ ଶରଣପୁରଶାସନ ପରିକ୍ରମା କରିଥିଲା ।

### ମାଙ୍କଡ଼ କାମୁଡ଼ାରେ ୫ ଆହତ



ହିଞ୍ଜିଳିକାଟୁ,୨୯।୪(ଡି.ଏନ୍.ଏ.): ହିଞ୍ଜିଳି ଥାନା କାଞ୍ଜିଆମ୍ବା ଗ୍ରାମରେ ଗତ ୨ଦିନ ମଧ୍ୟରେ ମାଙ୍କଡ଼ କାମୁଡ଼ାରେ ୫ଜଣ ଆହତ ହୋଇଛନ୍ତି। ସୋମବାର ପୂର୍ବାହ୍ନରେ ଗୋଲାପି ଜେନା ନାମକ ଜଣେ ମହିଳା ଓ ବିଦ୍ୟାଧର ଜେନା ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କୁ ମାଙ୍କଡ଼ ଆକ୍ରମଣ କରିଛି। ସେମାନଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଯାଇଛି। ରବିବାର ମଧ ମାଙ୍କଡ କାମୁଡ଼ାରେ ଗ୍ରାମର ୩ଜଣ ମହିଳା ଆହତ ହୋଇଥିବା ଜଣାପଡିଛି। ଖବରପାଇ ଆସିକା ବନ ବିଭାଗ ଅଧିକାରୀ ହରିକୃଷ୍ଣ ମଲିକଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ କାଞ୍ଜିଆମ୍ବାରେ ପହଞ୍ଚି ଉପଦ୍ରବ କରୁଥିବା ମାଙ୍କଡଙ୍କୁ କାବୁ କରିବା ଉଦ୍ୟମ ଜାରି ରଖିଛନ୍ତି।

### ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ସହାୟତା

ଜଗନ୍ନାଥପ୍ରସାଦ,୨୯।୪(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ବାସୁଦେବ ପାଣ୍ଡେ ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିରୁ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ସ୍ୱପ୍ନାରାଣୀ ସାହୁଙ୍କ ସ୍ୱାମୀ ପ୍ରଦୀପ କୁମାରଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି। ଗତ ବର୍ଷ ମେ ୩୧ରେ ସ୍ୱପ୍ନାରାଣୀଙ୍କ ଏକ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ଏ ନେଇ ତାରସିଂ ଥାନାରେ ନଂ. ୫/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତ ଦେହ ବ୍ୟବଚ୍ଛେଦ ହୋଇଥିଲା। ସୋମବାର ତହସିଲଦାର ବାସୁଦେବ ପାଣ୍ଡେ ନାରାୟଣପଲ୍ଲୀ ଗ୍ରାମର ପ୍ରଦୀପ କୁମାର ସାହୁଙ୍କୁ କ୍ଷେତମୁଣ୍ଡଲୀ ସରପଞ୍ଚ ନୀଳାଞ୍ଚଳ ଖିଲାର, ଗେରେଡ଼ା ମଣ୍ଡଳ ରାଜସ୍ୱ ନିରୀକ୍ଷକ ସୀମାଞ୍ଚଳ ମଲିକ ଓ ବରିଷ୍ଠ କିରାଣି ଅକ୍ଷୟ କୁମାର ପାତ୍ରଙ୍କ ଉପସ୍ଥିତିରେ ଚେକ୍ ପ୍ରଦାନ କରାଯାଇଥିଲା ।

## ■ 'ଫନୀ' ମୁକାବିଲା ପାଇଁ ପ୍ରସ୍ତୁତି

# ହସ୍ପିଟାଲକୁ ସ୍ଥାନାନ୍ତର ହେବେ ଗର୍ଭବତୀ

■ଆଜି ସନ୍ଧ୍ୟା ସୁଦ୍ଧା ସୁରକ୍ଷିତ ସ୍ଥାନକୁ ଯିବେ ଲୋକେ
■୩୫୦ ଆଶ୍ରୟସ୍ଥଳୀ ଚିହ୍ନଟ

ଛତ୍ରପୁର,୨୯।୪(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା 'ଫନୀ'ର ମୁକାବିଲା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଶାସନ ଏହାର ମୁକାବିଲା ପାଇଁ ଜିଲାର ସମସ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଏହାର ମୁକାବିଲା ନେଇ ପ୍ରସ୍ତୁତି ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବନ୍ୟାଞ୍ଚଳ ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ। ଏଥିପାଇଁ ୩୫୦ ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

ବାତ୍ୟାବନ୍ୟା ଆଶ୍ରୟସ୍ଥଳୀ, ସ୍କୁଲ ଓ ବିଭିନ୍ନ ସରକାରୀ କୋଠା ରହିଛି। ଯଦି ବାତ୍ୟା ହୁଏ ଏହାପରେ ରାସ୍ତାରେ ଗଛ ଭାଙ୍ଗି ଅବରୋଧ ହେବାର ସମ୍ଭାବନା ରହିଛି। ଏଥିପାଇଁ ରାସ୍ତା ଓ କୋଠାବାଡି, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଷ୍ଟମ ବାଟାଲିୟନ ଏବଂ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ମଧ ସଜାଗ ଅଛନ୍ତି। ଗଞ୍ଜାମ ଜିଲାରେ ଥିବା ଗର୍ଭବତୀମାନଙ୍କୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଥିପାଇଁ ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା ଗର୍ଭବତୀମାନଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି। ବିଭିନ୍ନ ମନିଟରିଂ ଟିମ୍ ଗଠନ ହୋଇଛି। ସମୁଦ୍ରକୁ ମାଛ ମାରିବାକୁ ମତ୍ସ୍ୟଜୀବୀମାନେ ନ ଯିବା ପାଇଁ ସଚେତନ କରାଯାଉଛି। ଜିଲାପାଳ ଏବଂ ଉପଜିଲାପାଳମାନଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କଲେକ୍ଟର ଦିବ୍ୟଲୋଚନ ମହନ୍ତ ଉପସ୍ଥିତ ଥିଲେ।

## ମହିଳା ନିଖୋଜ ଘଟଣା

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସ୍ୱାମୀ

ଗଞ୍ଜାମ,୨୯।୪(ଡି.ଏନ.ଏ.)

ଗଞ୍ଜାମ ଥାନା ଅଞ୍ଚଳରୁ ୨ ମାସରୁ ଊର୍ଦ୍ଧ୍ୱ ହେଲା ନିଖୋଜ ଥିବା ଜଣେ ବିବାହିତା ମହିଳାଙ୍କ ପତ୍ତା ଏ ଯାଏ ମିଳିନି। ଏ ନେଇ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ନେଇ ମହିଳାଙ୍କ ସ୍ୱାମୀ ଡମ୍ବରୁ ଗୌଡ଼ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଏଏସପିଙ୍କୁ ସେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଗଞ୍ଜାମ ଥାନାକୁ ଏ ନେଇ ପ୍ରଶ୍ନ କରାଯାଇଥିଲା। ତେବେ ଥାନା ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିବା ଡମ୍ବରୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨୦୦୯ରେ ସୁମିତାଙ୍କୁ ଡମ୍ବରୁ ପ୍ରେମ ବିବାହ କରି ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ଭଡ଼ା ଘରେ ରହୁଥିଲେ। ଗତ ଫେବୃୟାରୀ ୨୦ରେ ସୁମିତା ଘରେ ନିଜ ୫ ବର୍ଷୀୟ ପୁଅକୁ ଛାଡ଼ି ପରିବା ପାଇଁ ଗଞ୍ଜାମ ବଡ଼ବଜାରକୁ ଯାଇ ଘରୁ ବାହାରିଥିଲେ। ସେବେଠାରୁ ସୁମିତା ଆଉ ଘରକୁ ଫେରି ନ ଥିବା ଏସପିଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଡମ୍ବରୁ ଦର୍ଶାଇଛନ୍ତି। ସୁମିତା ଘରୁ ଯିବା ପୂର୍ବରୁ କାହା ସହ ଫୋନରେ କଥାବାର୍ତ୍ତା କରିଛନ୍ତି ସେ ସମ୍ପର୍କରେ ମଧ ଦର୍ଶାଇଛନ୍ତି। ଏହି ଘଟଣାର ତଦନ୍ତ କରୁଥିବା ଗଞ୍ଜାମ ଥାନା ଏସଆଇ ଶକୁନ୍ତଳା ଦେବୀ କହିଛନ୍ତି, ସୁମିତାଙ୍କ ନିଖୋଜ ନେଇ ପୂର୍ବରୁ ୨/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତାଙ୍କ ଶେଷ ଫୋନ କଲ୍ ବ୍ରହ୍ମପୁର ଅଞ୍ଚଳର କାହା ସହ ହୋଇଛି , ତାହା ଯାଞ୍ଚ ଚାଲିଛି।

# କାଜୁ ତୋଟାକୁ ନେଇ ବିବାଦ

ଛତ୍ରପୁର,୨୯।୪(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦର ଅପରପାର୍ଶ୍ୱରେ ଥିବା କାଜୁତୋଟାର ମାଲିକାନାକୁ ନେଇ ସୋମବାର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏହାପରେ ଛତ୍ରପୁର ଓ ଆର୍ଯ୍ୟପଲ୍ଲି ମେରାଇନ ଥାନାରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡିଛି। ଗୋଟିଏ ଗୋଷ୍ଠୀର ମହିଳାମାନେ ବିବାଦ ସମ୍ପର୍କରେ ଛତ୍ରପୁର ଥାନାକୁ ଆସି ଜଣାଇଥିଲେ। ପରେ ଆର୍ଯ୍ୟପଲ୍ଲି ମେରାଇନ ଥାନାରେ ଦୁଇ ଗୋଷ୍ଠୀର ଲୋକଙ୍କୁ ନେଇ ଆଲୋଚନା ହୋଇଥିଲା। ବୁଧବାର ଛତ୍ରପୁର ଓ ଚମାଖଣ୍ଡି ଅଞ୍ଚଳର ଆର୍‌ଆଇ ଓ ଅମିନମାନେ ଉକ୍ତ ସ୍ଥାନକୁ ଯାଇ ମାପଚୁପ କରିବେ। ଏହାପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି।




ଛତ୍ରପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

# ଘୁମୁସର ଜିଲା ଘୋଷଣା ଦାବିରେ ଓକିଲଙ୍କ ଆନ୍ଦୋଳନ

ଭଞ୍ଜନଗର,୨୯।୪(ଡି.ଏନ.ଏ.)

ଘୁମୁସର ଜିଲା ଘୋଷଣା ଏବଂ ବ୍ରହ୍ମପୁରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଭଞ୍ଜନଗର ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ସହ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ମଧ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଆନ୍ଦୋଳନର ନେତୃତ୍ୱ ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼ ନେଉଛନ୍ତି। ସୂଚନାଯୋଗ୍ୟ ଯେ ଉକ୍ତ ଦୁଇ ଦାବିନେଇ ବାର ଆସୋସିଏଶନ ପକ୍ଷରୁ ବିଗତ କିଛିବର୍ଷ ହେବ ପ୍ରତ୍ୟେକ ମାସ ଶେଷ ୨କାର୍ଯ୍ୟଦିବସରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି। କିନ୍ତୁ ସରକାର




ଆଇନଜୀବୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦାବିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଯାହାକୁ ନେଇ ଆଇନଜୀବୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଭାପତି ଗୌଡ଼ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଶିଶୁ ମୃତ

ଶଙ୍କରାଖୋଲ,୨୯।୪(ଡି.ଏନ୍.ଏ.)

ଟିକାବାଲି ଥାନା ଟିକାବାଲି ପଞ୍ଚାୟତ କାଲଟିମେଣ୍ଡି ଗ୍ରାମର ସୁଜିତ ପ୍ରଧାନଙ୍କ ବର୍ଷକର ଶିଶୁପୁତ୍ରର ବିଦ୍ୟୁତ୍ ଆଘାତରେ ରବିବାର ରାତିରେ ମୃତ୍ୟୁ ଘଟିଛି। ଏ ନେଇ ଟିକାବାଲି ଥାନାରେ ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ରବିବାର ରାତି ୯ଟାରେ ପ୍ରଧାନଙ୍କ ପୁଅ ଘରେ ଖେଳୁଥିବା ବେଳେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଶିଶୁକୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିଶକୁ ମୃତ ଘୋଷଣା କରିଥିଲେ। ଟିକାବାଲି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# କଳସଯାତ୍ରା, ୨୪ ପ୍ରହର ନାମଯଜ୍ଞ

ଜି.ଉଦୟଗିରି,୨୯।୪ (ଡି.ଏନ୍.ଏ.)

ଜି.ଉଦୟଗିରିଠାରେ ଶୁକ୍ରବାର ସନାତନ ଧର୍ମ ସୁରକ୍ଷା ପରିଷଦ ଆନୁକୂଲ୍ୟରେ ବାର୍ଷିକ ଭ୍ରାମ୍ୟମାଣ ଯଜ୍ଞ କମିଟି ତଥା କନବାଗେରି ଓ ସୁନ୍ଦର ବନ ଅଞ୍ଚଳବାସୀଙ୍କ ପକ୍ଷରୁ ୩୮ ତମ ବାର୍ଷିକ ୨୪ ପ୍ରହର ନାମ ଯଜ୍ଞ ପାଇଁ ଏକ ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ସାମିଲ ହୋଇ ସହର ପରିକ୍ରମା କରିଥିଲେ। ମୃଦଙ୍ଗ, ଗିନି ଓ ଘଣ୍ଟ ଶବ୍ଦରେ ସହର କମ୍ପି ଉଠିଥିଲା। ଶନିବାର ସକାଳ ସାଢ଼େ ୯ଟାରୁ କନବାଗେରି ସୁନ୍ଦର ବନଠାରେ ନାମ ସଂକୀର୍ତ୍ତନ ଆରମ୍ଭ ହେବ ଓ ମଙ୍ଗଳବାର ପୂର୍ଣ୍ଣାହୁତି କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟଅତିଥି ଭାବେ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ମହାରାଜ, ମୁଖ୍ୟବକ୍ତା ବଳରାମ ଦାସ ଯୋଗଦେବେ। ୪ ଦିନ ଧରି ହେଉଥିବା ଏହି ୨୪ ଯଜ୍ଞରେ ଘୃତ ଯଜ୍ଞ, ଅର୍ଣ୍ଣ, ଜପ ଓ ଜ୍ଞାନ ଯଜ୍ଞ ମଧ ଅନୁଷ୍ଠିତ ହେବ ବୋଲି କମିଟି ସଦସ୍ୟ ଜିତେନ୍ଦ୍ର ପ୍ରଧାନ କହିଛନ୍ତି।



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଦାରିଙ୍ଗବାଡ଼ିରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ

ଅପରାହ୍ନରେ ୧୨ ମିମି ବର୍ଷା

ଦାରିଙ୍ଗବାଡି,୨୯।୪(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଅସହ୍ୟ ଗରମ ସହ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ସୋମବାର ଅପରାହ୍ନରେ ସର୍ବାଧିକ ତାପମାତ୍ର ୩୮ଡିଗ୍ରୀ ରେକର୍ଡ କରାଯାଇଛି। ଏଥିସହ ଅପରାହ୍ନରେ ପବନ ସହ ବର୍ଷା ହୋଇଛି। ୧୨ ମିମି ବର୍ଷା ହୋଇଥିବା ବ୍ଲକ ସୂତ୍ରରୁ ଜଣାପଡିଛି। ବର୍ଷା ସତ୍ତ୍ୱେ ମଧ ଗରମ ଗୁଳୁଗୁଳିରୁ ଲୋକଙ୍କୁ ନିସ୍ତାର ମିଳିନାହିଁ। ଦାରିଙ୍ଗବାଡିକୁ ଛାଡିଦେଲେ ଆଖପାଖ ଭ୍ରମରବାଡି, ସିଆଙ୍ଗବାଲି, ଦନେକବାଡି, ସିମନବାଡି, କାଡସପାଟା, ପର୍ତ୍ତମାହା, ସିଆଙ୍ଗବାଲି ସମେତ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ୮ ପଞ୍ଚାୟତରେ ଅଧିକ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗରମ ଅନୁଭୂତ ହୋଇଛି। ସେହିପରି ପ୍ରଚଣ୍ଡ ଖରା ଯୋଗୁ ବିଭିନ୍ନ ସ୍ଥାନରେ ଜଳସ୍ତର କମିବାରେ ଲାଗିଛି। ଫଳରେ ଜଳ ନିଅଣ୍ଟିଆ ପରିସ୍ଥିତି ଦେଖାଯାଇଛି। ଆଗକୁ ବର୍ଷା ନହେଲେ ଅଞ୍ଚଳର ଏକାଧିକ ପଞ୍ଚାୟତରେ ଜଳକଷ୍ଟ ଦେଖାଦେବ। ସେହିପରି ପ୍ରଚଣ୍ଡ ଖରା ଯୋଗୁ ଅଞ୍ଚଳରେ ପନିପରିବା ଚାଷ ହୋଇପାରୁନାହିଁ। ଏଥିପାଇଁ ଗଞ୍ଜାମ ଉପରେ ନିର୍ଭର କରିବାକୁ ପଡୁଛି। ସପ୍ତାହକୁ ଥରେ ଗଞ୍ଜାମ ଜିଲାରୁ ପନିପରିବା ବୋଝେଇ ଗାଡି ଦାରିଙ୍ଗବାଡି ସମେତ ସିମନବାଡି, ବୁଡାଗୁଡା ଅଞ୍ଚଳକୁ ବିକ୍ରି ପାଇଁ ଆସୁଥିବାବେଳେ କେତେକ ବ୍ୟବସାୟୀ ଯାତ୍ରିବାହୀ ବସ୍‌ରେ ପନିପରିବା ଆଣି ଲୋକଙ୍କୁ ଯୋଗାଉଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରା ଯୋଗୁ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ନିରାଶ ଭାବ ଦେଖିବାକୁ ମିଳୁଛି।

# ଆର୍ଥିକ ଅନଟନ, ସଚେତନତା ଅଭାବରୁ ପ୍ରସୂତିଙ୍କ ମୃତ୍ୟୁ

ଭଞ୍ଜନଗର,୨୯।୪(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ଧୋବାତଇଲା ଗ୍ରାମର ପ୍ରସୂତି ଜ୍ୟୋସ୍ନା ମଲିକଙ୍କ ସୋମବାର ସକାଳେ ଭଞ୍ଜନଗର ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁ ଘଟିଛି। ଆର୍ଥିକ ଅନଟନ ଏବଂ ସଚେତନତା ଅଭାବ ଯୋଗୁ ଜ୍ୟୋସ୍ନା ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସରକାର ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ଉପରେ ଗୁରୁତ୍ୱ ଦେଉଥିଲେ ମଧ ତାହା କମୁନାହିଁ। ବିଗତ ଏକବର୍ଷ ମଧ୍ୟରେ ଭଞ୍ଜନଗର ମେଡ଼ିକାଲରେ ୩ଜଣ ପ୍ରସୂତିଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଥିବାବେଳେ ୬ ନବଜାତକଙ୍କର ମଧ ମୃତ୍ୟୁ ହୋଇଛି। ମମତା ଯୋଜନାରେ ୨ ସନ୍ତାନ ପାଇଁ ହିଁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ବ୍ୟବସ୍ଥା ଥିବାବେଳେ ଜ୍ୟୋସ୍ନା ଉକ୍ତ ଯୋଜନାର




ମେଡିକାଲରେ ଶୋକାକୁଳ ପରିବାର।

ସୁଫଳ ପାଇ ପାରି ନ ଥିଲେ। ପ୍ରକାଶ ଯେ, ଧୋବାତଇଲା ଗ୍ରାମର ପ୍ରଶାନ୍ତ ମଲିକଙ୍କ ସ୍ତ୍ରୀ ହେଉଛନ୍ତି ଜୋସ୍ନା। ଜ୍ୟୋସ୍ନାଙ୍କ ୪ବର୍ଷର ପୁଅ ଥିବାବେଳେ ଗତବର୍ଷ ପ୍ରସବ ପରେ ଏକ ପୁତ୍ର ସନ୍ତାନର ମୃତ୍ୟୁ ହୋଇଥିଲା। ଏହାପରେ ଜ୍ୟୋସ୍ନା ପୁଣି ଗର୍ଭବତୀ ହୋଇଥିଲେ। ପରିବାରର ଆର୍ଥୀକସ୍ଥିତି ଭଲ ନ ଥିବାରୁ ସେ ଠିକ୍ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପାରୁ ନ ଥିଲେ। ଏହିଭଳି ପରିସ୍ଥିତିରେ କିଛିଦିନ ପୂର୍ବେ ଜ୍ୟୋସ୍ନା ବାପଘର ରିପିଟିପଲ୍ଲୀ ଚାଲିଆସିଥିଲେ। ରବିବାର ବିଳମ୍ବିତ ରାତିରେ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଆଶାକର୍ମୀଙ୍କ ସହାୟତାରେ ଭଞ୍ଜନଗର ମେଡ଼ିକାଲ ଆଣିଥିଲେ। ସେତେବେଳକୁ ଜ୍ୟୋସ୍ନାଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ବ୍ରହ୍ମପୁର ବଡମେଡ଼ିକାଲକୁ ନେବାକୁ ଦାୟିତ୍ୱରେ ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଆମ୍ବୁଲାନ୍ସ ଆସିବା ପୂର୍ବରୁ ସେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ଆଉ ଗୋଟିଏ ସନ୍ତାନ ଥିବା ଜଣାପଡ଼ିଥିଲା। ତାଙ୍କୁ ଆମ୍ବୁଲାନ୍ସ ପାଖକୁ ଅଣାଯାଉଥିବାବେଳେ ଗର୍ଭରେ ଥିବା ଅନ୍ୟଏକ ସନ୍ତାନ ସହ ଜ୍ୟୋସ୍ନାଙ୍କ ମୃତ୍ୟୁ ହୋଇଯାଇଥିଲା। ପ୍ରଥମେ ଜନ୍ମ ହୋଇଥିବା କନ୍ୟା ସନ୍ତାନଟି ଏବେ ଭଞ୍ଜନଗର ମେଡିକାଲ ଆଇସିୟୁରେ। ପୂର୍ବରୁ ବିଭିନ୍ନ ସମୟରେ ଜ୍ୟୋସ୍ନା ଚେକ୍‌ଅପ୍ ପାଇଁ ଆସିଥିବାବେଳେ ଡାକ୍ତର ତାଙ୍କୁ ଅଲଟ୍ରାସାଉଣ୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଆର୍ଥିକ ଅନଟନ ଯୋଗୁ ଅଲଟ୍ରାସାଉଣ୍ଡ କରିପାରି ନ ଥିଲେ। ଫଳରେ ଗର୍ଭରେ କେତୋଟି ସନ୍ତାନ ଥିଲା ସେ ନେଇ ଜଣାପଡିନଥିଲା। ଫଳରେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ହୋଇପାରିନଥିଲା। ଅପରପକ୍ଷେ ଭଞ୍ଜନଗର ମେଡିକାଲରେ ଅଲଟ୍ରାସାଉଣ୍ଡ ମେଶିନ ଥିବାବେଳେ ଜ୍ୟୋସ୍ନାଙ୍କର କାହିଁକି ଅଲଟ୍ରାସାଉଣ୍ଡ କରାଯାଇ ନ ଥିଲା ସେ ନେଇ ପ୍ରଶ୍ନବାଚୀ ଦେଖାଦେଇଛି।

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

1. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-PURI-149, ତା.24.04.2019ରିଖ

କାର୍ଯ୍ୟର ନାମ : 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର(ସିଗ୍ନାଲ) ଭାରପ୍ରାପ୍ତ / ପୁରୀଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ପ୍ରସ୍ତାବିତ TATA-207 DI EX କିମ୍ବା ଅନୁରୂପ ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 9,50,568.08, EMD (ଟଙ୍କାରେ) : 19,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

2. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BBS-150, ତା.24.04.2019ରିଖ

କାର୍ଯ୍ୟର ନାମ : ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଞ୍ଜିନିୟର / ସିଗ୍ନାଲ / ଭୁବନେଶ୍ୱର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 8,47,536/-, EMD (ଟଙ୍କାରେ) : 17,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

3. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BALU-151, ତା.24.04.2019ରିଖ

କାର୍ଯ୍ୟର ନାମ : ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଞ୍ଜିନିୟର / ସିଗ୍ନାଲ / ବାଲୁଗାଁ ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଭଳି ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 8,22,336/-, EMD (ଟଙ୍କାରେ) : 16,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

4. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-TRUCK-KUR-152, ତା.24.04.2019ରିଖ

କାର୍ଯ୍ୟର ନାମ : 24 ଘଣ୍ଟିଆ ଉପଲବ୍ଧତା ସହିତ 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍ ଠାରେ ସିନିୟର ସେକ୍ସନ ଇଞ୍ଜିନିୟର(ଦକ୍ଷିଣ)ଙ୍କ ନିମନ୍ତେ SWARAJ MAZDA LIMITED SARTAJ HG 72 BS-IV 3335 / Eicher 10.75 E2 PLUS 3515 କିମ୍ବା ଅନୁରୂପ ମେକ୍ ଏବଂ ମଡେଲ ବିଶିଷ୍ଟ 4.5 ଟନ୍ ବୋଝେଇ କ୍ଷମତାଯୁକ୍ତ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 11,28,116.10, EMD (ଟଙ୍କାରେ) : 22,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ (ସମସ୍ତ ଟେଣ୍ଡର ନିମନ୍ତେ) : ତା.02.05.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.16.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)
ଖୋର୍ଦ୍ଧା ରୋଡ୍
PR-54/K/19-20

# ମତଦାନ: କେଉଁଠି, କେମିତି


ଭୋଗରାଇ ବ୍ଲକ୍ ଝକ୍‌ଝକି ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଥିବା ୧୦୪ ବର୍ଷୀୟା ବୃଦ୍ଧା ନଳିତା ଦେ।


ବାସୁଦେବପୁରରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବୁଥ୍‌କୁ ନିଆଯାଉଛି।


ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଭୋଟ ଦେଇଛନ୍ତି।


ଭୋଗରାଇ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ଦାସ ମତଦାନ କରୁଛନ୍ତି।


ରୂପ୍‌ସା ଗଡ଼ପଦାର ଏକ ବୁଥ୍‌ରେ ମହିଳାଙ୍କ ଲମ୍ବା ଧାଡ଼ି।

ଓଡ଼ିଶାର
୬ ପ୍ରମୁଖ ଜିଲା
ବାଲେଶ୍ୱର, ଭଦ୍ରକ,ମୟୂରଭଞ୍ଜ,
ଯାଜପୁର,ଜଗତସିଂହପୁର ଓ କେନ୍ଦ୍ରାପଡାରେ
ସୋମବାର ୪ର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ
ହୋଇଛି। ପ୍ରବଳ ଖରାତାତି ଓ ଗୁଳୁଗୁଳି ସତ୍ତ୍ୱେ ବିଭିନ୍ନ
ବୁଥ୍‌ରେ ମତଦାତାଙ୍କ ଭିଡ଼ ଜମିଥିଲା। ଇଭିଏମ୍ ଅଚଳ
ଯୋଗୁ ଭୋଟରମାନେ ହଇରାଣ ହୋଇଥିଲେ ମଧ
ସେମାନଙ୍କ ମଧରେ ଉତ୍ସାହ ବାରି ହୋଇପଡ଼ିଥିଲା।
ନେତାଙ୍କଠାରୁ ପ୍ରାର୍ଥୀ ଏବଂ ଦିବ୍ୟାଙ୍ଗଙ୍କଠାରୁ
ବୟସ୍କ ବୃଦ୍ଧାବୃଦ୍ଧମାନେ ବୁଥ୍‌କୁ ଆସି
ଭୋଟ ଦେଇଥିଲେ। ଚିତ୍ରରେ
ଝଲକ...


ମତଦାନ ପାଇଁ ଲାଇନ୍‌ରେ ଥିବା ବିଜେଡି ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ଓ ତାଙ୍କ ସ୍ତ୍ରୀ।


ହାଇକୋର୍ଟ ବିଚାରପତି ଦେବବ୍ରତ ଦାଶ ବାରିପଦା ସହରର ଏକ ବୁଥରେ ଭୋଟ ଦେଇଛନ୍ତି।


ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ମତଦାନ କରି ଫେରୁଛନ୍ତି।



ପୋଲିଂ ବୁଥ୍‌ରେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ।


ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଣଜିତ ଦାସ ମତଦାନ କରୁଛନ୍ତି।


ମତଦାନ ପାଇଁ ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଧାଡ଼ିରେ ଛିଡ଼ା ହୋଇଛନ୍ତି।


ଗରଦପୁରବ୍ଲକ ତଳକୁସୁମା ୟୁପି ସ୍କୁଲ ମତଦାନ କେନ୍ଦ୍ରରେ ବିଜୟ ମହାପାତ୍ର।


ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ।


ମତଦାନ କେନ୍ଦ୍ରରେ ଆଳି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ।


ମୋରଡା ବିଧାୟକ ପ୍ରାର୍ଥୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ପତ୍ନୀଙ୍କ ସହିତ ଆସି ଭୋଟ ଦେଇଛନ୍ତି।


ମାର୍କୋଣା ବୁଥରେ ବିଜେଡି ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।


ମତଦାନ କେନ୍ଦ୍ର ସମ୍ମୁଖରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ


ଜଗତ୍‌ସିଂହପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ଚିରଞ୍ଜିବୀ ବିଶ୍ୱାଳ।


ଜଗତ୍‌ସିଂହପୁର ବିଜେଡି ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ।


ଭୋଟ ଦେଇ ଫେରୁଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ।


ମତଦାନ କେନ୍ଦ୍ରରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ।


ରାଜନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି।


ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଭୋଟଦାନ କରି ଫେରୁଛନ୍ତି।


ନୀଳଗିରିରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ ମଞ୍ଜରୀ ଦେବୀ ପରିବାର ସହ ଭୋଟ ଦେଇ ଫେରୁଛନ୍ତି।


କେନ୍ଦ୍ରାପଡାର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକ ଭୋଟ ଦେଇ ଫେରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଏପ୍ରିଲ୍ ୩୦/୨୦୧୯ Berhampur, Tuesday, April 30/ 2019

## ସଂକ୍ଷେପରେ

### ଠାକୁରାଣୀ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

ଦିଗପହଣ୍ଡି, ୨୯।୪ (ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶ୍ୱର ଗ୍ରାମରେ ୧୨ ବର୍ଷ ବ୍ୟବଧାନରେ ବିମଳା ଠାକୁରାଣୀଙ୍କ ୭ ଦିନ ଯାତ୍ରା ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ମଙ୍ଗଳବାର ସନ୍ଧ୍ୟାରେ ମା'ଙ୍କୁ ସୁସଜ୍ଜିତ ପଟୁଆରରେ ଅସ୍ଥାୟୀ ଯାତ୍ରାପୀଠକୁ ଅଣାଯିବ। ସୋମବାର ଯାତ୍ରା ପୀଠରେ ସମସ୍ତ ସାଜସଜ୍ଜା ସରିଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସମଗ୍ର ଗାଁ ଝଲସି ଉଠିଛି। ପୂର୍ବତନ ସରପଞ୍ଚ କେ. ସଞ୍ଜୀବ କୁମାର ରେଡ୍ଡୀ, କେ. ତ୍ରିନାଥ ରେଡ୍ଡୀ, କୁରେଶୁ ରେଡ୍ଡୀ, କେ. ସଲୀଳ ରେଡ୍ଡୀ, ଏସ୍. ଅଲେଖ ରେଡ୍ଡୀ, ତାରିଣୀ ସେଠୀ, ସୋମନାଥ ରେଡ୍ଡୀ, ଏନ୍. ଲିଙ୍ଗରାଜ ରେଡ୍ଡୀ, ପଞ୍ଚାନନ ଗୌଡ଼ ପ୍ରମୁଖ ୨୧ ଜଣିଆ ଯାତ୍ରା ପରିଚାଳନା କମିଟି ଗଠନ କରାଯାଇଛି। ଶୁକ୍ରବାର ଖରଣୀପଡ଼ା ଓ ଶୁଣ୍ଡିପଲ୍ଲୀ ଗ୍ରାମର ଭକ୍ତ ପ୍ରହ୍ଲାଦ ରଜା ନାଟକ, ଶନିବାର କବିସୂର୍ଯ୍ୟନଗରର ହାଟ ନରେନ୍ଦ୍ରପୁରର ସୁଭଦ୍ରା ମାଗୁଛି ଶଙ୍ଖା ସିନ୍ଦୂର, ରବିବାର ଅଙ୍ଗାରଗାଁ ଓ ଖାରିଆଗୁଡ଼ା ଗ୍ରାମର ରାମାୟଣ ଥିଏଟର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ ରାମଦୋଳି ଓ ମୀନା ବଜାର ଅଣାଯାଇଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଦିଗପହଣ୍ଡି,୨୯।୪(ଡି.ଏନ୍.ଏ.)-ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ସୋମବାର ଛାତ୍ରୀଙ୍କ ବାପା ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି । ନଂ. ୮୭/୧୯ ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ଗାଁ ନିକଟ କଲେଜରେ ପଢୁଥିବା ଛାତ୍ରୀ ଜଣକ ଗୁରୁବାର ଅପରାହ୍ନରେ ଗିଫ୍ଟ କିଣିବା ପାଇଁ ଢ଼େଙ୍ଗାଓସ୍ତା ଗ୍ରାମ ବଜାରକୁ ଯାଇଥିଲେ। ସେଠୁ ଆଉ ସେ ଘରକୁ ଫେରିନାହାନ୍ତି। ଝିଅକୁ ପୂର୍ବ ଯୋଜନା ପ୍ରକାରେ ବଜାରରୁ ଅପହରଣ କରାଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ପୋଲିସ ପକ୍ଷରୁ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରାଯାଇଥିଲେ ମଧ ଅପହୃତା ଛାତ୍ରୀ କିମ୍ବା ଅପହର୍ତ୍ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ ।

### ବନ୍ଧରେ ବୁଡ଼ି ଯୁବକ ମୃତ

ଖଲ୍ଲିକୋଟ,୨୯।୪(ଡି.ଏନ୍.ଏ.)-ଖଲ୍ଲିକୋଟ ସହର ପାର୍ଶ୍ୱରେ ଥିବା ଲାଞ୍ଜିବନ୍ଧରେ ବୁଡ଼ି ରବିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଦେଓଗାଁର ସୂର୍ଯ୍ୟ ବିଶୋଇ (୩୫)। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଖଲ୍ଲିକୋଟ ଦମକଳ ଗାଡ଼ି ଆସି ମୃତଦେହକୁ ଉଦ୍ଧାର କରିଥିଲା। ଖଲ୍ଲିକୋଟ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ୟୁଡି ନଂ. ୧/୨୦୧୯ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

### ମଦ ଜବତ, ଜଣେ ଗିରଫ

ଶେରଗଡ଼,୨୯।୪(ଡି.ଏନ୍.ଏ.)-ଶେରଗଡ଼ ବ୍ଲକ କୁରୁଳା ଗ୍ରାମ ନନ୍ଦିନୀ ନଦୀପଠାରୁ ରବିବାର ପୋଲିସ ୭.୨୦୦ ମିଲିଲିଟର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗୋଠଗାଁର ଭୀମ ସାହୁ। ରବିବାର ସନ୍ଧ୍ୟାରେ ଭୀମ ନଦୀ ପଠାରେ ମଦ ନେଇ ଯାଉଥିବା ଖବର ପାଇ ଶେରଗଡ଼ ଥାନା ଏଏସ୍ଆଇ ବିଷ୍ଣୁ ପ୍ରସାଦ ଦାଶ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଏ ନେଇ ଥାନାରେ ନଂ. ୩୮/୧୯ରେ ମାମଲା ରୁଜୁ କରି ଶେରଗଡ଼ କୋର୍ଟକୁ ସୋମବାର ସନ୍ଧ୍ୟାରେ ଚାଲାଣ କରିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ମାଥିଲି,୨୯।୪ ମାଥିଲି ବ୍ଲକ ଅନ୍ତର୍ଗତ ଡାଇଗୁଡା ଗାଁ ନିକଟ ଏକ ଗଛରେ ସୋମବାର ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରି ଜଣେ ଯୁବକ ବିଫଳ ହୋଇଛନ୍ତି। ସେ ହେଲେ ମାଥିଲି ସଦରର ଏମ. ଦୁର୍ଗା ରାଓ (୨୮) । କୌଣସି କାରଣରୁ ସେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ । ତେବେ ଗଛ ଡାଳ ଭାଙ୍ଗିଯିବାରୁ ଦୁର୍ଗା ଅଚେତ ହୋଇ ତଳେ ପଡିଯାଇଥିଲେ। ଏହା ଜାଣିପାରି ଗ୍ରାମବାସୀ ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡା. ନିପୋନ ଦେବତା କହିଛନ୍ତି ।

■ ମଦ କାରବାରକୁ ବିରୋଧ କରିବାରୁ ଯୁବକଙ୍କୁ ହତ୍ୟା

# ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

ଖଲ୍ଲିକୋଟ,୨୯।୪(ଡି.ଏନ୍.ଏ.)



ଖଲ୍ଲିକୋଟ ଡାକ୍ତରଖାନା ଆଗରେ ଧାରଣାରେ ବସିଥିବା ଲୋକେ ।

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା କୁଶଡ଼ିପ ଛକ ନିକଟରେ ରବିବାର ରାତିରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଛକରେ ଚାଲିଥିବା ବେଆଇନ ମଦ କାରବାରକୁ ବିରୋଧ କରିବାରୁ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ କୈଳାସ ବାରିକ (୪୫)। ଜଣେ ମହିଳା ଓ ତାଙ୍କର ୨ ସହଯୋଗୀ ମିଶି କୈଳାସଙ୍କୁ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ କୁନି ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ସୋମବାର ପୋଲିସ ହତ୍ୟା ମାମଲା (ନଂ.୧୦୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ଗିରଫ ଦାବି ନେଇ ମୃତଙ୍କ ଆତ୍ମୀୟସ୍ୱଜନ ଓ ଅଞ୍ଚଳର ବହୁ ଲୋକ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଛି।

ଖଲ୍ଲିକୋଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଧଡ଼କ ମଦ କାରବାର ଚାଲିଛି। କୁଶଡ଼ିପ ଛକ ନିକଟ ଏକ ଘରେ ଦୀର୍ଘଦିନ ହେବ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଥିଲା। ବିଭିନ୍ନ ସମୟରେ ଅସାମାଜିକ ଲୋକେ ଏଠାରେ ଆଡ୍ଡା ଜମାଇ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। କୈଳାସ ଏହାକୁ ବିରୋଧ କରି ଆସୁଥିଲେ। ରବିବାର ରାତିରେ ସେ ଉକ୍ତ ଘର ନିକଟକୁ ଯାଇ ପ୍ରତିବାଦ କରିବାରୁ ଜଣେ ମହିଳା ଓ ତାଙ୍କର ୨ ସହଯୋଗୀ ତାଙ୍କୁ ପଥରରେ ଛେଚି ଦେଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ କୈଳାସଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେତେବେଳେକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ଅଭିଯୋଗ ପାଇ ସୋମବାର ଖଲ୍ଲିକୋଟ ଥାନା ଆଇଆଇସି ସୁନୀଲ କୁମାର ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡ ପରେ ଉକ୍ତ ଘରେ ତାଲା ପକାଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିଲା। ମୃତଦେହରେ କୌଣସି କ୍ଷତ ଚିହ୍ନ ନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡର ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

■ଯୌତୁକ ନିର୍ଯାତନା ଅଭିଯୋଗ

# ଶାଶୁ, ଶ୍ୱଶୁର, ଦିଅର ଗିରଫ

ଆସିକା,୨୯।୪(ଡି.ଏନ୍.ଏ.)

ଆସିକା ପୋଲିସ ପକ୍ଷରୁ ସୋମବାର ଏକ ଯୌତୁକ ନିର୍ଯାତନା ମାମଲାରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନିର୍ଯାତନା ଅଭିଯୋଗ ଆଣିଥିବା ମହିଳାଙ୍କ ଶ୍ୱଶୁର ପି. ରାଜାରାମ ରେଡ୍ଡୀ, ଶାଶୁ ପି. ରାଜାମା ରେଡ୍ଡୀ ଓ ଦିଅର ପି. କ୍ରିଷ୍ଣା ରେଡ୍ଡୀ। ଅଭିଯୁକ୍ତମାନେ ପୁରୁଷୋତ୍ତମପୁର ଥାନା ଖଜୁରିଆପଲ୍ଲୀ ଗ୍ରାମର। ତେବେ ଏହି ମାମଲାରେ ସମୁଦାୟ ୭ଜଣଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସ୍ୱାମୀ ଗୋବିନ୍ଦଙ୍କ ସମେତ ଅନ୍ୟମାନେ ଫେରାର୍ ଥିବା ଆସିକା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆସିକା ଯୋକବନ୍ଧ ସାହିର ଭୀମ ରେଡ୍ଡୀଙ୍କ ଝିଅ ସନ୍ତୋଷିନୀ ଖଜୁରିଆପଲ୍ଲୀ ଗ୍ରାମ ନିବାସୀ ରାଜାରାମଙ୍କ ପୁଅ ଗୋବିନ୍ଦଙ୍କୁ ୨୦୦୭ରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିରେ ସନ୍ତୋଷିନୀଙ୍କୁ ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଇଥିଲା। ୨୦୧୬ରୁ ସନ୍ତୋଷିନୀ ବାପଘରକୁ ଚାଲି ଆସିବା ସହ ଘଟଣା ସମ୍ପର୍କରେ ଆସିକାସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଆସିକା ପୋଲିସ ପକ୍ଷରୁ ଜିଆର୍ ନଂ.୬୪୨/୧୬ରେ ଏକମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତେବେ ଅଭିଯୁକ୍ତମାନେ ସମସ୍ତେ ସୁରତରେ ରହୁଥିବାରୁ ପୋଲିସ ଗିରଫ କରିପାରି ନ ଥିଲା। ଗ୍ରାମକୁ ଆସିଥିବା ଖବର ପାଇ ସୋମବାର ସକାଳୁ ପୋଲିସ ପୁରୁଷୋତ୍ତମପୁର ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଧାରୁଆ ସୂଚନା ଦେଇଛନ୍ତି।

# ଅଜଣା ଗାଡ଼ି ଧକ୍କାରେ କୃଷ୍ଣସାର ମୃଗ ମୃତ

ଆସିକା, ୨୯।୪ (ଡି.ଏନ୍.ଏ.)



ଆସିକା - ବାଲିପଦର ମୁଖ୍ୟରାସ୍ତାର ଭେଟନଇ ପଲ୍ଲୀମାଳ ନିକଟରେ ସୋମବାର ସକାଳ ପ୍ରାୟ ୭ଟାରେ ଅଜଣା ଗାଡି ଧକ୍କାରେ ଗୋଟିଏ ମାଈ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ବନ ବିଭାଗ ପକ୍ଷରୁ ମୃତ କୃଷ୍ଣସାରକୁ ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଚାରିମଇଲିସ୍ଥିତ କୃଷ୍ଣସାର ଶୁଶ୍ରୂଷା କେନ୍ଦ୍ର ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ହରିହର ମଲିକ ସୂଚନା ଦେଇଛନ୍ତି। ପ୍ରାୟ ସାଢେ ୩ ଫୁଟ ଲମ୍ବା ଓ ଅଢେଇ ଫୁଟ ଉଚ୍ଚତା ବିଶିଷ୍ଟ କୃଷ୍ଣସାରଟିର ବୟସ ୮ ରୁ ୧୦ ବର୍ଷ ମଧ୍ୟରେ ହେବ ବୋଲି ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରଭାତ କୁମାର ପରିଡା ପ୍ରକାଶ କରିଛନ୍ତି। ସେହିଭଳି ସୋମବାର ଭୋରରୁ ସେହି ରାସ୍ତାର ବାବନପୁର ଠାରୁ ଚାରିମଇଲି ମଧ୍ୟରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ବାର୍‌ହାର ମଧ ମୃତ୍ୟୁ ଘଟିଥିବା ବନ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଉଭୟ ସ୍ଥାନରେ ଦୁର୍ଘଟଣା ଘଟାଇଥିବା ଗାଡିର କୌଣସି ଖୋଜ୍ ଖବର ମିଳିନାହିଁ। ସଂପୃକ୍ତ ରାସ୍ତାରେ ରୀତିମତ କୃଷ୍ଣସାର ମୃଗ ଦୁର୍ଘଟଣାର ଶିକାର ହେଉଥିଲେ ମଧ ଯାନବାହନ ଚଳାଚଳରେ ଗତି ନିୟନ୍ତ୍ରଣ ଲାଗି କୌଣସି ବ୍ୟବସ୍ଥା ହୋଇନଥିବାରୁ ଏଭଳି ଦୁର୍ଘଟଣା ଜନିତ ମୃତ୍ୟୁ ରୀତିମତ ହେବାରେ ଲାଗିଛି।

## ମହାବୀର କ୍ରିକେଟ ଟୁର୍ନାମେଣ୍ଟ :ସୁମଣ୍ଡଳ ଚାମ୍ପିୟନ

ବେଗୁନିଆପଡ଼ା,୨୯।୪(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ତାଳସରଠାରେ ଚାଲିଥିବା ମହାବୀର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ସୁମଣ୍ଡଳ ଦଳ ସହ ଷଣ୍ଢମୂଳ ଦଳର ମୁକାବିଲା ହୋଇଥିଲା। ସୁମଣ୍ଡଳ ଷଣ୍ଢମୂଳ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ସୁମଣ୍ଡଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ଷଣ୍ଢମୂଳ ୧୫ ଓଭରରେ ୭ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିବା ପରେ ସୁମଣ୍ଡଳ ଦଳ ବିଜୟ ଲାଭ କରିଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୁମଣ୍ଡଳ ଦଳର ନାରାୟଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମ୍ୟାନ ଅଫ୍ ଦି ସିରିଜ ଭାବେ ଶକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ରାଜେନ୍ଦ୍ର ଭୂୟାଁ ଓ ସମ୍ମାନିତ ଅତିଥି ଅଶୋକ କୁମାର ତାରେଣୀ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ ଦଳ ଅଂଶ ଗ୍ରହଣ କରିଥିଲେ। ରତ୍ନାକର ସାଇଁ ଓ ନୃସିଂହ ଭୂୟାଁଙ୍କ ସମେତ ଘରୋଇ ଟିମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳ ।

## ଘାଟି ରାସ୍ତାର ଉଚ୍ଚତା କମାଇବାକୁ ଦାବି

ପାରଳାଖେମୁଣ୍ଡି, ୨୯।୪ (ସ୍ୱ.ପ୍ର.)

ଗଜପତି ଜିଲା ରାୟଗଡ ବ୍ଲକ ରାଣିବାଡ- ମଣ୍ଡଳସାହି ଘାଟି ରାସ୍ତାକୁ କାଟି କିଛି ପରିମାଣରେ ସମତୁଲ କରିପାରିଲେ ଏହାର ଉଚ୍ଚତା କମି ଦୁର୍ଘଟଣା ହ୍ରାସ ହୋଇପାରିବ। ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଉଚ୍ଚତା କମିବା ଦ୍ୱାରା ରାସ୍ତା ଦୁର୍ଘଟଣା ବନ୍ଦ ହୋଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି । ଏହି ଘାଟି ରାସ୍ତା ଗଜପତି ଜିଲାର ମୁଖ୍ୟ ରାସ୍ତା । ଉକ୍ତ ରାସ୍ତା ଦେଇ ପାରଳାଖେମୁଣ୍ଡି, ବ୍ରହ୍ମପୁର, ରାମଗିରି, ଛେଳିଗଡ, ଜିରାଙ୍ଗ, କଇଁପୁର ଆଦି ସ୍ଥାନକୁ ଗାଡିମୋଟର ଚଳାଚଳ କରିଥାଏ । ଗତ ଦୁଇଦିନ ତଳେ ଏହି ଘାଟିରେ ଏକ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଛି । ଘାଟି ରାସ୍ତା ଉଚ୍ଚତା କମାଇବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିପଦପୂର୍ଣ୍ଣ ଅବସ୍ଥାରେ ଖେଳପଡ଼ିଆ ଗ୍ୟାଲେରି

ରାଇକିଆ,୨୯।୪(ଡି.ଏଡ଼.ଏ)

ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟ ଖେଳ ପଡ଼ିଆରେ ନିର୍ମିତ ହୋଇଥିବା ଗ୍ୟାଲେରୀ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ୨୦୧୭ରେ ୫ ଲକ୍ଷ ଟଙ୍କା ବ୍ୟୟରେ ୩ଟି ଗ୍ୟାଲେରି ନିର୍ମିତ ହୋଇଥିଲା। କିନ୍ତୁ ଖେଳ ପଡ଼ିଆର ଦକ୍ଷିଣ ଭାଗରେ ଥିବା ୩ ନମ୍ବର ଗ୍ୟାଲେରୀ ଭାଙ୍ଗି ଯାଇଛି। ଯେକୌଣସି ସମୟରେ ତାହା ଭୁଶୁଡ଼ିବା ଅବସ୍ଥାରେ ରହିଛି। ଏହାକୁ ମରମତି କରଯାଉନାହିଁ। ଅନେକ ସମୟରେ ଛୋଟ ବଡ଼ ଟୁର୍ନାମେଣ୍ଟର ଆୟୋଜନ କରାଯାଉଛି। ଭରପୂର ଦର୍ଶକ ଏହି ଭଙ୍ଗା ଗ୍ୟାଲେରି ଉପରେ ବସୁଛନ୍ତି। ପ୍ରତ୍ୟକ ଦିନ ସ୍କୁଲ ଛାତ୍ରମାନେ ଖେଳିବାକୁ ପଡ଼ିଆକୁ ଯାଇ ଗ୍ୟାଲେରି ଉପରେ ଚଢୁଛନ୍ତି । ଏ ନେଇ ରାଇକିଆ ବିଡିଓ ରଶ୍ମି ରଞ୍ଜନ ମହନ୍ତଙ୍କୁ ପଚାରିବାରୁ ଗ୍ୟାଲେରୀ ଯଦି ବିପଦପୂର୍ଣ୍ଣ ଅବସ୍ଥାରେ ଥିବ ନିଶ୍ଚିତ ଭାବେ ତୁରନ୍ତ ମରାମତି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।


ଭାଙ୍ଗିରୁଜି ଯାଇଥିବା ଗ୍ୟାଲେରି।

## ନଟରାଜ ନୃତ୍ୟ ଉତ୍ସବ: ମନମୋହିଲେ କଳାକାର



ପ୍ରଦୀପ ପ୍ରଜ୍ଜ୍ୱଳନ କରି ଅତିଥିମାନେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି।

ଫୁଲବାଣୀ ଅଫିସ,୨୯।୪

ଫୁଲବାଣୀସ୍ଥିତ ଗାନ୍ଧୀସ୍ମୃତି ଭବନରେ ବିଶ୍ୱ ନୃତ୍ୟ ଦିବସ ପାଳନ ଅବସରରେ ନଟରାଜ କଳା ମନ୍ଦିର ପକ୍ଷରୁ ନଟରାଜ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫୁଲବାଣୀ ସମେତ ଅନ୍ୟ ଜିଲାର କଳାକାରମାନେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ବିଶେଷ କରି ଓଡିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ପୌରାଣିକ ବିଷୟବସ୍ତୁକୁ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପରିବେଷଣ କରିଥିଲେ କଳାକାରମାନେ। ସେହିପରି ସମ୍ବଲପୁରୀ ଭଜନ, ଓଡିଶୀ ଅଭିନୟ, କଥକ ନୃତ୍ୟ, ଗ୍ରୁପ ଡ୍ୟାନ୍ସ ଆଦି ହୋଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲାପାଳ ଡା. ବୃନ୍ଦା ଡି, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ସହକାରୀ ବାଣିଜ୍ୟ କମିଶନର ବିଭୁଦତ୍ତ ଆଚାର୍ଯ୍ୟ, ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଓଡିଶୀ ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଟଂକଧର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁ ବିକ୍ରମ ସାମଲ ଏବଂ ଗୁରୁ ବିନୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ